# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୧୩/୨୦୨୨ (୧୬ ପୃଷ୍ଠା) | Sambalpur, Tuesday, September 13/2022 Page 16 ₹ 7.00 ★★

୧୮ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 267 | ମୂଲ୍ୟ ₹୭/-





## ସଂକ୍ଷେପରେ

### ସ୍କୁଲ ନଳକୂପ ଜବରଦଖଲରୁ ମୁକ୍ତ ପାଇଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ବେଲପଡା,୧୨।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ବ୍ଲକ କେନକେବା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସର ରେ ଥିବା ନଳକୂପକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ନିଜର ବ୍ୟକ୍ତିଗତ କାମରେ ଲଗାଇ ଥିବା ଗ୍ରାମବାସୀ ରବିବାର ବେଲପଡା ଥାନାରେ ଅଭିଯୋଗ କରଛନ୍ତି। ବ୍ୟକ୍ତି ଜଣକ ନଳକୂପକୁ ଜବରଦଖଲ କରିଥିବା ଯୋଗୁ ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ପିଲା ଖାଇ ସାରିବା ପରେ ଥାଳି ଧୋଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ସମେତ ସରପଞ୍ଚ ରାମଗୋପାଳ ନାଏକ , ସନାତନ ମଲ୍ଲିକ,ପ୍ରଧାନ ଶିକ୍ଷକ ଅଭିଯୋଗରେ ଦର୍ଶାଇଛନ୍ତି।

### ପଦୋନ୍ନତି ପରେ ରିଲିଭ୍ ହେଲେ ୨ ସହକାରୀ ଶିକ୍ଷକ

ଲୋଇସିଂହା,୧୨।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୨ଜଣ ସହକାରୀ ଶିକ୍ଷକ ବୁଡୁ ପଧାନ ଓ କପିଳେଶ୍ୱର କୁମ୍ଭାରଙ୍କ ପ୍ରଧାନ ଶିକ୍ଷକ ପଦକୁ ପଦୋନ୍ନତି ହୋଇଛି। ପଦୋନ୍ନତି ପରେ ସମ୍ପୃକ୍ତ ଶିକ୍ଷକଦ୍ୱୟଙ୍କୁ ସ୍କୁଲ କର୍ତ୍ତୃପକ୍ଷ ସୋମବାର ରିଲିଫ କରିଛନ୍ତି। ଏବେ ବିଦ୍ୟାଳୟରେ ୨ ଶିକ୍ଷକ ପଦବୀ ଖାଲି ପଡିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ଆଶଙ୍କା ପ୍ରକାଶ ପାଇଛି। ୧୬ ତାରିଖ ସୁଦ୍ଧା ବଦଳି ସ୍କୁଲରେ ଯୋଗଦେବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି।

### ବିଷ ପାନ କରି ଜୀବନ ହାରିଲେ ଯୁବକ
#### କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

କୋକସରା,୧୨।୯(ଡି.ଏନ.ଏ.): ବିଷ ପାନ କରି କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ଗ୍ରାମର ନେତ୍ର ମୋହନ ଖମାରିଙ୍କ ପୁଅ ସୁଶାନ୍ତ (୨୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ସୁଶାନ୍ତ ମାନସିକ ଚାପରେ ରହୁଥିଲେ ଶନିବାର ସନ୍ଧ୍ୟାରେ ସେ ବିଷ ପାନ କରି ଗୁରୁତର ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ସ୍ଥାନୀୟ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ କୋକସରା ଥାନା ରେ ନଂ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ହେମନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ପୁଣି ଘାଇ

## ଶତାଧିକ ଏକର ଚାଷଜମି ଜଳମଗ୍ନ

ଭବାନୀପାଟଣା,୧୨।୯(ସ୍ୱ.ପ୍ର.)



ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି ।

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଡୁଙ୍ଗରୀପଡା ନିକଟରେ ଥିବା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ୧୫ ଫୁଟର ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ସେଠାରେ ଥିବା ଶହ ଶହ ଏକର ଚାଷଜମି ବାଲିଚର ହେବା ସହ ଧାନଚାଷ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ସ୍ଥାନୀୟ ଲୋକଙ୍କ ଘରେ ମଧ୍ୟ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ରବିବାର ମଙ୍ଗଳପୁର ବ୍ୟାରେଜରୁ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ୫୯ କ୍ୟୁସେକ୍ ପାଣି ଛଡା ଯାଇଥିଲା। ତେବେ ବିଳମ୍ବିତ ରାତିରେ ଡୁଙ୍ଗରୀପଡା ନିକଟରେ ଦୁର୍ବଳ ଆଡ଼ିବନ୍ଧ ଯୋଗୁ କେନାଲରେ ଘାଇ ସୃଷ୍ଟି ହୋଇଥିଲା। ଖବର ପାଇ ଇନ୍ଦ୍ରାବତୀ ଡ୍ୟାମ କର୍ତ୍ତୃପକ୍ଷ ମଙ୍ଗଳପୁର ବ୍ୟାରେଜ ଫାଟକକୁ ବନ୍ଦ କରି ଦେଇଥିଲେ। ତେବେ ଘାଇ ହେବା ପରଠୁ ଫାଟକ ବନ୍ଦ ହେବା ସମୟ ମଧ୍ୟରେ ଡୁଙ୍ଗରୀପଡା ଅଞ୍ଚଳର ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଯାଇଥିଲା। କେନାଲର ଘାଇ ହେବା ସ୍ଥାନରେ ଦୀର୍ଘ ଦିନ ହେବ ପାଣି ଝରୁଥିବା ବେଳେ ବିଭାଗ ପକ୍ଷରୁ ଏହାର କୌଣସି ମରାମତି କରା ନ ଯିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ସ୍ଥାନୀୟ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ର ଓ ବ୍ୟାରେଜ ଏସ୍‌ଡିଓ ରଘୁନାଥ ମୁଣ୍ଡା ପ୍ରମୁଖ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ବିଭାଗ ପକ୍ଷରୁ ଘାଇ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ଏପଟେ ପାଣି କମିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇପାରିବ ବୋଲି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ଧର୍ମଗଡ଼ ବ୍ଲକ ବଗାଡ଼ ଗ୍ରାମ ନିକଟରେ ଇନ୍ଦ୍ରାବତୀ ବାମ କେନାଲରେ ୨୦ଫୁଟ୍ ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଥିଲା।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କେସିଙ୍ଗା,୧୨।୯(ଡି.ଏନ.ଏ.)

ସୋମବାର କେସିଙ୍ଗା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ବ୍ଲକର ୫୧୦ ଜଣ ଅଭିଯୋଗକାରୀ ଯୋଗ ଦେଇଥିଲେ। ଏହି ବ୍ଲକର ମଶାଣିବନ୍ଧ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କ ନିକଟରେ ପରଲୋକ ଘଟିଛି । ତେଣୁ ଖାଲି ପଡିଥିବା ପଦବୀରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ପରିବାର ଲୋକେ ଶିବିରରେ ଦାବି କରିଥିଲେ । ସେହିପରି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନ ମିଳିବା, ରାସ୍ତାଘାଟ ନିର୍ମାଣ ଓ ମରାମତି, ଉଠା ଜଳସେଚନ,ରାଶନ କାର୍ଡ ଆଦି ବିଷୟରେ ଅଭିଯୋଗକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗଗୁଡିକ ମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଉପ ଜିଲାପାଳ ବିଶ୍ୱଜିତ ଦାଶ, ଟିଙ୍ଗ ଡେଭଲପମେଣ୍ଟ ଅଫିସର, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଫିସରଗଣ ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ। ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ପରିଚାଳନାରେ ଶିବର ଅନୁଷ୍ଠିତ ହୋଇଥିଲା।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଧାୟକ




ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ମୁକେଶ ମହାଲିଙ୍ଗ।

ଲୋଇସିଂହା,୧୨।୯(ଡି.ଏନ.ଏ)

ବିଧାୟକ ମୁକଶେ ମହାଲିଙ୍ଗ ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଟିବି ରୋଗ ଉପରେ ସମୀକ୍ଷା କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ୱାର୍ଡ ବୁଲି ରୋଗୀଙ୍କ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ଆସୁଥିବା ରୋଗୀ ଯେପରି ଉପଯୁକ୍ତ ଚିକିତ୍ସା ଏବଂ ମାଗଣା ଔଷଧ ପାଇପାରିବ ସେ ଦିଗରେ ଯତ୍ନବାନ ହେବାକୁ ଡାକ୍ତର ଏବଂ କର୍ମଚାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ । ଏହି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ୨୦୨୫ ସୁଦ୍ଧା ଟିବି ମୁକ୍ତ ଭାରତ ଆହ୍ୱାନ ଉପରେ ଡାକ୍ତର ଓ କର୍ମଚାରୀଙ୍କ ସହ ସେ ଆଲୋଚନା କରିଥିଲେ। ସମୀକ୍ଷା ବେଳେ ବ୍ଲକରେ ୩୮ ଜଣ ଟିବି ରୋଗୀ ଥିବା ଜାଣିବାକୁ ମିଳିଥିଲା। ଏହି ସମୟରେ ଡା.ଯଶୋବନ୍ତ ପାଢୀ, ସଞ୍ଜୀବ ବିଶ୍ୱାଳ, ସୁଧାଂଶୁ ଶେଖର ପଧାନ, ଅରବିନ୍ଦ କାଲସାଏ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ ପ୍ରକଳ୍ପ ଉଦ୍‌ଘାଟିତ, ମିଶନ ଶକ୍ତି ହାଟର ଶିଳାନ୍ୟାସ



୩ ମନ୍ତ୍ରୀଙ୍କ ଉପସ୍ଥିତିରେ ସୁଇମିଂ ପୁଲ୍ ଉଦ୍‌ଘାଟନ କରାଯାଉଛି ।

ଟିଟିଲାଗଡ, ୧୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ସୋମବାର ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି। ୬ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ମିଶନ ଶକ୍ତି ହାଟର ଶିଳାନ୍ୟାସ କରିଛନ୍ତି ରାଜ୍ୟ ସରକାରଙ୍କର ୩ମନ୍ତ୍ରୀ। ଏହା ଟିଟିଲାଗଡବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆଁଖାଇ ଭେଟି ବୋଲି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଟୁକୁନୀ ସାହୁ ଅଭିହିତ କରିଛନ୍ତି।

ପ୍ରଥମେ ୪୨.୦୪ ଲକ୍ଷ ଟଙ୍କା ବ୍ୟୟରେ ପିପଲପଦରଠାରେ ବିଶ ଖାଦ୍ୟ ଯୋଜନା ଅନ୍ତର୍ଗତ ନିର୍ମିତ ଅତ୍ୟାଧୁନିକ ଛତୁଆ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜଳସମ୍ପଦ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ,ଖାଦ୍ୟ ଯୋଗାଣ ଓ ସମନ୍ୱୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜିଲାପାଳ ଚଞ୍ଚଳ ରାଣା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟ ଯୋଗଦେଇଥିଲେ। ବିଭାଗୀୟ ସେକ୍ରେଟାରୀ ତଥା କମିସନର ସୁଜାତା କାର୍ତ୍ତିକେୟନ ପାଣ୍ଡିୟନ ଭର୍ଚୁଆଲ ମୋଡରେ ଯୋଗଦେଇ ରାଜ୍ୟ ସରକାର ତଥା ମିଶନ ଶକ୍ତି ବିଭାଗ ରାଜ୍ୟରେ ମହିଳାଙ୍କ ଆର୍ଥିକ ଅଗ୍ରଗତିରେ ସହାୟକ ହୋଇଥିବା କହିଥିଲେ। ଏହାପରେ ସ୍ଥାନୀୟ ସରକାରୀ ଡାକ୍ତରଖାନା ନିକଟରେ ୭୦ଲକ୍ଷ ଟଙ୍କା ବ୍ୟୟରେ ବିଡିସିସି ବ୍ୟାଙ୍କର ନୂତନ କୋଠା ଗୃହ, ସରକାରୀ ବାଳକ ହାଇସ୍କୁଲ ନିକଟସ୍ଥ ୮.୬୦ ଲକ୍ଷରେ ନିର୍ମିତ ମିଡେଲ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ ପରିସରରେ ୫୦ ଲକ୍ଷରେ ନିର୍ମିତ ନୂତନ ମିଶନ ଶକ୍ତି ଭବନ, କୁମୁଡ଼ା ପାହାଡ ନିକଟରେ ୧ କୋଟି ବ୍ୟୟରେ ତିଆରି ହୋଇଥିବା ସୁଇମିଙ୍ଗ ପୁଲ ତିନି ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିସହ ସ୍ଥାନୀୟ ପୋଲିସ ଷ୍ଟେଶନ ସମ୍ମୁଖରେ ୩.୦୮ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ମିଶନ ଶକ୍ତି ହାଟ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସତ୍ୟବାନ ମନୋଜ ମହାଜନ, ପୌର ପାଳିକା ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌର ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ଜିଲା ପରିଷଦ ସଦସ୍ୟା ଗୀତା ବିଶି, ସଞ୍ଜୟ ବେହେରା, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ ପ୍ରମୁଖଙ୍କ ସହ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ କଡ଼ ପୋଖରୀକୁ ପଶିଗଲା କାର

**ଜଣେ ବାହାରିଲେ, ୨ ଜଣଙ୍କ ପତ୍ତା ମିଳୁନାହିଁ**

ବଲାଙ୍ଗୀର ଅଫିସ, ୧୨।୯

ବଲାଙ୍ଗୀର–ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଜାମସର ଗାଁ ନିକଟ ରାଜପଥ କଡ଼ରେ ଥିବା ଏକ ବନ୍ଧ (ପୋଖରୀ) ଭିତର ପାଣିକୁ ସୋମବାର ରାତିରେ ଏକ କାର ଭାରସାମ୍ୟ ହରାଇ ପଶିଯାଇଛି। କାରଟି ବନ୍ଧପାଣିରେ ବୁଡିଯାଇଥିଲା। ଉକ୍ତ କାର ଭିତରେ ୩ ଜଣ ବସିଥିଲେ। ସେମାନଙ୍କ ଭିତରୁ ଜଣେ ବନ୍ଧ ଭିତରୁ ପହଁରି ଆସିଥିବା ବେଳେ ଅନ୍ୟ ଦୁଇ ଜଣ ପାଣିରେ ରହିଯାଇଥିବା ଅନୁମାନ କରାଯାଉଛି। କାରଟି ବଲାଙ୍ଗୀରୁ ଘୁ ଷୁ ର । ମୁ ଣ୍ଡ । ଯାଉଥିଲା। ଗାଡ଼ି ଭିତରୁ ବାହାରି ଆସିଥିବା ବ୍ୟକ୍ତି ଜଣକ ଅସୁସ୍ଥତା କାରଣରୁ କିଛି କହିପାରୁନାହାନ୍ତି। ଖବର ପାଇ ପୁଇଁତଲା ଥାନା ପୋଲିସ ଓ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। କାର ଭିତରେ ଜଣେ ମହିଳା ଓ ଛୋଟ ପିଲା ରହିଯାଇଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚାରିବାରୁ ଦୁର୍ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଛନ୍ତି। ରାତି ୧୧ଟା ପର୍ଯ୍ୟନ୍ତ ପାଣି ଭିତରୁ କାର ଓ ଅନ୍ୟ କାହାକୁ ଉଦ୍ଧାର କରାଯାଇନାହିଁ। ଖବର ପ୍ରଚାରିତ ହେବା ପରେ ସେହି ସ୍ଥାନ ଲୋକାରଣ୍ୟ ହୋଇପଡିଛି।

# ବୁର୍ଢ଼ା ଦୁର୍ଗାପୂଜା ଲାଗି ଶୁଭସ୍ତମ୍ଭ ସ୍ଥାପନ



ଦୁର୍ଗାପୂଜା ଧ୍ୱଜାପୂଜା ଅବସରରେ ଉପସ୍ଥିତ କମିଟି ସଦସ୍ୟମାନେ।

ଲୋଇସିଂହା,୧୨।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଦୁର୍ଗାପୂଜା ଚଳିତ ବର୍ଷ ୨୫ବର୍ଷରେ ପଦାର୍ପଣ କରିଛି। ରୌପ୍ୟ ଜୟନ୍ତୀ ଦୁର୍ଗାପୂଜା ଲାଗି ଶୁଭସ୍ତମ୍ଭ ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଭ ତିଥିରେ ପୂଜା ମଣ୍ଡପରେ ପୂଜକ ମନୋଜ ଦାସ ଧ୍ୱଜାପୂଜା କରିଥିଲେ। କମିଟି ସଭାପତି ପ୍ରଦୀପ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜା ସମାପନ ପରେ ମଣ୍ଡପରେ ଧ୍ୱଜା ସ୍ଥାପନ କରାଯାଇଥିଲା। ଏହି ଅବସରରେ ରାବଣ ଦରବାର ହେବାକୁ ଥିବା ହାଇସ୍କୁଲ ପଡିଆରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା କମିଟି କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ସାହୁ, ବିଜୁ କୁମାର ସାହୁ, ବିଜୟ ରଣା, ପ୍ରହ୍ଲାଦ ସାହୁ, କାଞ୍ଚନ ବାରିକ ଏବଂ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ବିଜେଡିର ନୂଆଁଖାଇ ଭେଟ୍‌ଘାଟ



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

## ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଖପ୍ରାଖୋଲ, ୧୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ୀବାହାଲ କଲ୍ୟାଣ ମଣ୍ଡପଠାରେ ବିଜେଡିର ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ତଥା କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରମେଶ ପ୍ରଧାନ ଏଥଇରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ଶୁଖିରାମ ଷଣ୍ଢ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, ବ୍ଲକ ମହିଳା ସଭାନେତ୍ରୀ ରଞ୍ଜିତା ସୁନା, ଜୋନ ସଭାପତି ସତ୍ୟନାରାୟଣ ମେହେର, ସିମାଞ୍ଚଳ ପୁରୋହିତ ପ୍ରମୁଖ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ସମ୍ପର୍କରେ ଆଲେଚନା କରିଥିଲେ। ଏଥିସହିତ ଦଳକୁ ତୃଣମୂଳସ୍ତରରୁ ଆହୁରି ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଏହି ଅବସରରେ ନୂତନ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଡି ଅବସରରେ ଅନ୍ୟଦଳର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ମହିଳା ସଭାନେତ୍ରୀ ଭାରତୀ ମେହେର, ଚନ୍ଦ୍ରକାନ୍ତି ବେହେରା, ବ୍ଲକ ଯୁବ ବିଜେଡି ସଭାପତି ବେଲାର ମେହେର, ବ୍ଲକ ଛାତ୍ର ସଭାପତି ନାରାୟଣ ମେହେର, ଜିଲା କମିଟି ସଦସ୍ୟ ଇନ୍ଦ୍ରମଣି ସାହୁ, ବରିଷ୍ଠ ସଦସ୍ୟ ଗୋବିନ୍ଦ ବାରିକ, ପୂର୍ବତନ ସରପଞ୍ଚ ସୋଭାପତି ପାଥର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ପବିତ୍ର ପଟେଲ ପରିଚାଳନା କରିଥିବା ବେଳେ ଭିକାରି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା

## ୩ ଦିନ ମଧ୍ୟରେ ଜଳ ଯୋଗାଣ ନ ହେଲେ ବିଷ ପିଇ ଆତ୍ମହତ୍ୟା ଧମକ

କୋକସରା/ ବେହେରା, ୧୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ହେଲେ ଜଳସେଚନ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବିଭାଗୀୟ ଅଧିକାରୀ। ଫଳରେ ପାଣି ଅଭାବରୁ ଶହ ଶହ ହେକ୍ଟର ଚାଷଜମି ଫାଟି ଆଁ କଲାଣି। ଧର୍ମଗଡ଼ ଉପଖଣ୍ଡର କୋକସରା ବ୍ଲକ ଓ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ୨୫ହଜାର ୨ଶହ ୭୫ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବା ଲକ୍ଷ୍ୟ ରହିଥିଲା। କିନ୍ତୁ ଇନ୍ଦ୍ରାବତୀ ଉଠା ଜଳସେଚନ ବିଭାଗର ଅଧିକାରୀ ମାନଙ୍କ ଦୂରଦୃଷ୍ଟି ଅଭାବ ତଥା ବେପରୁଆ ମନୋଭାବ ଯୋଗୁ ଚାଷୀଙ୍କୁ ଧୋକା ଦେଇଛି ମେଗାଲିଫ୍ଟ କେନାଲ। ସୋମବାର ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତର ଚାଷୀମାନେ ହାତରେ କୀଟନାଶକ ଧରି କୁସୁମଖୁଣ୍ଟି ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ କରି ଧାରଣା ଦେଇଥିଲେ। ଏପରି କି ଆସନ୍ତା ୩ ଦିନ ମଧ୍ୟରେ ଚାଷଜମିକୁ ଜଳଯୋଗାଣ ନ ହେଲେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଷ ପାନ କରି ଜୀବନ ହାରିବାକୁ ଦଣ୍ଡପାଟ ଅଞ୍ଚଳର ଚାଷୀ ମୋହନ ତିୱାରୀ, ପ୍ରଶାନ୍ତ ତିୱାରୀ, କିଶୋର ଧାରୁଆ, ମାନସିଂ ଭରତିଆ, ରୁଦ୍ର ପୂଝାରି, ହର୍ଦ୍ଧୁ ସିଂ ଗୋପାଳ, ନେମାଲ ମାଝୀ, ଭୂପେଶ ତିୱାରୀ, ବଳଭଦ୍ର ଗୋପାଳ, ଶୁକଚନ୍ଦ୍ର ଗୋପାଳ, ଯୁଗେଶ୍ୱର ପୁଝାରି, ଜଗମୋହନ ମାଝୀ ପ୍ରମୁଖ ଚେତାବନୀ ଦେଇଥିଲେ। ଏହି ଅବସରରେ ଧାରଣାକାରୀଙ୍କ ପକ୍ଷରୁ ଏକ ଦାବିପତ୍ର ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଏସଡିଓଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଧାରଣାରୁ ଉଠି ଯାଇଥିଲେ । ଏନେଇ ଉଠା ଜଳସେଚନର ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ବାଗଙ୍କୁ ପଚାରିବାରେ ଚାଷୀଙ୍କ ଅଭିଯୋଗ ଅନୁସାରେ ପାଇପ ଲାଇନ କାମ ଜାରି ରହିଛି। କିଛି ଆଉଟଲେଟରେ ତ୍ରୁଟି କାରଣରୁ ଜଳସେଚନରେ ଅସୁବିଧା ଦେଖାଦେଇଛି। ଶୀଘ୍ର ମରାମତି କରି ଚାଷୀଙ୍କୁ ଜଳଯୋଗାଣ କରାଯିବ ବୋଲି କହିଛନ୍ତି।



କୀଟନାଶକ ଧରି ଚାଷୀମାନେ ଧାରଣା ଦେଉଛନ୍ତି।

# ଫସଲ ବୀମା କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ

**ସୋହେଲା,୧୨।୯(ଡି.ଏନ.ଏ.)**

୨୦୨୧ ମସିହା ଖରିଫ ସମୟରେ ସୋହେଲାରେ ବ୍ୟାପକ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଚାଷୀମାନଙ୍କୁ କ୍ରପ୍ କଟିଂ ରିପୋର୍ଟ ଅନୁସାରେ ଏଯାଏ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ରାଶି ମିଳିନାହିଁ। ଏହାର ପ୍ରତିବାଦରେ ସୋହେଲା କୃଷକ ବିକାଶ ମଞ୍ଚର ଶତାଧିକ ଚାଷୀ ସୋମବାର ୫୩ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଚାଷୀନେତା ମନୋହର ମାଝୀଙ୍କ ନେତୃତ୍ୱରେ ଚାଷୀମାନେ ସକାଳ ୮ଟାରୁ ସୋହେଲା ମୁଖ୍ୟ ଛକରେ ରାସ୍ତା ଅବରୋଧ କରି ରଖିଥିଲେ। ସେମାନେ ସୋହେଲାର ସମସ୍ତ ସରକାରୀ ଅଫିସ ମଧ୍ୟ ବନ୍ଦ କରିଦେଇଥିଲେ। ଆନ୍ଦୋଳନ ଯୋଗୁ ବ୍ଲକ, ତହସିଲ, କୋର୍ଟ, ବ୍ୟାଙ୍କ କାର୍ଯ୍ୟ ବନ୍ଦ ରହିଥିଲା। ଅପରାହ୍ନ ସାଢେ ୧ଟା ସମୟରେ ବିଡିଓ ବିଶ୍ୱ ରଞ୍ଜନ କର, ଥାନାଧିକାରୀ ହରିବନ୍ଧୁ ଗଡତିଆ ପ୍ରମୁଖ ଆନ୍ଦୋଳନସ୍ଥଳକୁ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ନ ହେବାରୁ ଅଧିକାରୀମାନେ ସେଠାରୁ ଫେରିଯାଇଥିଲେ। ଆନ୍ଦୋଳନକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ (ରାତି ସାଢେ ୮ଟା) ଆନ୍ଦୋଳନ ଜାରି ରହିଥିଲା।



ଚାଷୀମାନେ ଟେଣ୍ଟ ପକାଇ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଅଙ୍ଗଦାନ ଚୁକ୍ତି କରିଥିବା ଦମ୍ପତି ସମ୍ମାନିତ

**ବରପାଲି,୧୨।୯(ଡି.ଏନ.ଏ.):** ବରଗଡ଼ର ଆଟିଭାର ହେଲ୍ପିଂ ଫାଉଣ୍ଡେଶନ ପକ୍ଷରୁ ସୋମବାର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ନୂଆଁଖାଇ ଭେଟ ଅବସରରେ ବରପାଲିର ସାମାଜିକ କର୍ମୀ ଝରଣା ମେହେର ଓ ତାଙ୍କ ସ୍ୱାମୀ ରାଜେଶ ମେହେରଙ୍କୁ ସମ୍ମାନିତ କରାଯାଇଛି। ଏହି ଦମ୍ପତି ନିକଟ ଅତୀତରେ ଅଙ୍ଗଦାନ ପାଇଁ ଚୁକ୍ତି କରିବା ସହ ଦୁହେଁ ବହୁବାର ରକ୍ତଦାନ ମଧ୍ୟ କରିସାରିଛନ୍ତି। ମେହେର ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଅଛନ୍ତି।

### ଅନନ୍ତ ପୂଜାରେ ନୃତ୍ୟ ପ୍ରତିଯୋଗିତା

**ବରପାଲି,୧୨।୯(ଡି.ଏନ.ଏ.):** ବରପାଲି ଅନନ୍ତ ନାରାୟଣ କ୍ଲବ ପାଠାଗାର ଆନୁକୂଲ୍ୟରେ ଅନନ୍ତ ବ୍ରତ ପୂଜା ଉପଲକ୍ଷେ ରବିବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ନଗରପାଳ ଦିନେଶ ଗହୀର, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଟିକାୟତ ମହନ୍ତମ, ସାମାଜିକ କର୍ମୀ ନରେନ୍ଦ୍ର କୁମାର ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜ କୁମାର ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ପରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ଦୈନିକ ବଜାରରେ ଶିକ୍ଷକଙ୍କ ପକେଟ ମାର

**ଅମରପାଲି, ୧୨।୯ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୈନିକ ପରିବା ବଜାରରୁ ସୋମବାର କେନଝରିଆପାଲି ୟୁ.ପି.ଏସର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶିଙ୍କ ପକେଟ ମାର୍ ହୋଇଛି। ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପରିବା ଓ ଅନ୍ୟାନ ସାମଗ୍ରୀ ବଜାରରୁ କ୍ରୟ କରିବା ସମୟରେ ପକେଟରେ ଥିବା ପର୍ସକୁ କେହି ଲୁଟି ନେଇଥିଲା। ଏଥିରେ ୧୫ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ, ଏଟିଏମ, ଗୁରୁତ୍ୱପୂର୍ଣ୍ଣ କାଗଜ ଥିବା ସେ ଅଭିଯୋଗ କରିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

**ଅମରପାଲି,୧୧।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଘମାରୀ ଗ୍ରାମର ଅବସରପ୍ରାପ୍ତ



ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମିଶ୍ର(୭୩)ଙ୍କ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲାକେ ତାଙ୍କୁ ଡାକ୍ତରଖାନା ନେଉଥିଲେ। ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ସୁଷମା ଉଫୁଲା ଏମିସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଭାବେ ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟ କରି ୨୦୦୬ରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଆଧାତ୍ମିକ କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ଜିଲଶ ଶିକ୍ଷାଧୀଶ ଚନ୍ଦ୍ର ଶେଖର ମିଶ୍ର, ଏକ ମାତ୍ର ପୁତ୍ର ସୋମନାଥ ମିଶ୍ର, ଦୁଇଝିଅ ମାନସୀ, ପଲ୍ଲବୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥଇତ ଥଇଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ବାପାଙ୍କୁ ହତ୍ୟା କଲେ ପୁଅ

**ଅତାବିରା,୧୨।୯(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମରେ ସୋମବାର ପୁଅର ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଯୁଧିଷ୍ଠିର ଦୀପ୍। ଘଟଣା ପରେ ଅଭିଯୁକ୍ତ ପୁଅ ଫେରାର ହୋଇଯାଇଛନ୍ତି। ଭେଡ଼େନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଭେଡ଼େନ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୨୯୩/୨୨) ରୁଜୁ ହୋଇଛି । ପ୍ରକାଶ ଯେ, ମୃତକଙ୍କ ପୁଅ ସତ୍ୟାନନ୍ଦ ଜଣେ ଲୋକଙ୍କ ପାଖରେ ମଜୁରୀ କରିଥିଲେ। ତେବେ ସେହି ମଜୁରୀ ଟଙ୍କାକୁ ଯୁଧିଷ୍ଠିର ଆଣିବାରୁ ଏହାକୁ ନେଇ ବାପପୁଅଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସତ୍ୟାନନ୍ଦ ନିଜ ବାପା ଯୁଧିଷ୍ଠିରଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଫେରାର ଅଭିଯୁକ୍ତ ସତ୍ୟାନନ୍ଦଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ବାଉଁଶୁଣୀ,୧୨।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ଜମଟାଙ୍ଗୀ ଛକ ନିକଟରେ ସୋମବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜମଟାଙ୍ଗୀର ସନ୍ତୋଷ ସାହୁ (୩୨)। ସେ ପ୍ରାତଃ ଭ୍ରମଣରେ ଯାଇ ଘରକୁ ଫେରୁଥିବା ବେଳେ ବୌଦ୍ଧରୁ ସୋନପୁର ଅଭିମୁଖେ ଯାଉଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସଙ୍କଟାପନ୍ନ ହେବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

# ପଦ୍ମପୁର କେନ୍ଦୁପତ୍ର ଡିଭିଜନରେ ନୂଆଁଖାଇ ଭେଟ୍‌ଘାଟ୍



ଅତିଥିମାନଙ୍କ ଗହଣରେ କେନ୍ଦୁପତ୍ର ଶ୍ରମିକ ସଂଘର ସଦସ୍ୟବୃନ୍ଦ।

**ପାଇକମାଲ,୧୨।୯(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ କେନ୍ଦ୍ରୀୟ କେନ୍ଦୁପତ୍ର ଗୋଦାମ ପରିସରରେ ସୋମବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର କେନ୍ଦୁପତ୍ର ଡିଏଫ୍ଓ ବିଭୂତି ଭୂଷଣ ବେହେରା ମୁଖ୍ୟ ଅତିଥି, କେନ୍ଦୁପତ୍ର ଶ୍ରମିକ ସଂଘ ନେତା ପ୍ରଦୀପ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସିଜିନାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଡିଏଫ୍ଓ ବେହେରା ତାଙ୍କ କ୍ଷମତା ପରିଧି ଭିତରେ ଯାହା ସମ୍ଭବ ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦୁପତ୍ର ଶ୍ରମିକ ନେତା କୋକିଳ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବନ୍ଧାଇ ଚେକର ସାଇଧର ପାଣ୍ଡେ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପଦ୍ମପୁର ଡିଭିଜନର ମିଠାପାଲ, ଚୁହାପାଲି, ଝାରବନ୍ଧ, ଜଗଦଲପୁର, ପଦ୍ମପୁର, ଗାଇସିଲେଟ, ମେଲଛାମୁଣ୍ଡା, ସୋହେଲା ଓ ପାଇକମାଲ ଆଦି ସଂଘର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ବିଭିନ୍ନ ସଂଘର ନେତା ସୁରେଶ ପଣ୍ଡା, ଅରମାନ ଖାଁ, ମହେନ୍ଦ୍ର ପ୍ରଧାନ, କାର୍ତ୍ତିକ ନାଗ, କୃଷ୍ଣଚନ୍ଦ୍ର ଡନସନା, ଚକାବନ ପ୍ରଧାନ, ଡୋଲନ୍ଦ୍ର ସାହୁ, କନ୍ଦୁରୁ ମହାନନ୍ଦ, ରଙ୍ଗମଣି ହୋତା, ମହେଶ୍ୱର ନେଗୀ, ଭାରତ ବିଶ୍ୱାଳ, ଋଷଭ ପ୍ରଧାନ, ଅକ୍ଷୟ ପ୍ରଧାନ, ମନୋହର ଗୌଡ ସମସ୍ତଙ୍କୁ ନୂଆଁଖାଇ ଅଭିନନ୍ଦନ ଜଣାଇଥିଲେ।

# ନୂଆଁଖାଇ ପ୍ରତିଭା ସମ୍ମାନ ପ୍ରଦାନ

**ବରଗଡ଼ ଅଫିସ, ୧୨।୯**

ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପତ୍ରିକାର ନୂଆଁଖାଇ ବିଶେଷାଙ୍କ ଲୋକାର୍ପିତ ହେବା ସହିତ ୩୦ ଜଣ ସାରସ୍ୱତ ଲେଖିକା ଲେଖକଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କଲ୍ୟାଣୀ ଦାଶ ମୁଖ୍ୟ ଅତିଥି, ଚଳଚ୍ଚିତ୍ର ତାରକା ଡଃ ତପସ୍ୱିନୀ ଗୁରୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟିକ କିରଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମକୁ ସାହିତ୍ୟିକ ଅରବିନ୍ଦ ଗୁପ୍ତା ପରିଚାଳନା କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଓ ଗୋବିନ୍ଦପାଲି ସ୍କୁଲର ଛାତ୍ରୀଗଣ ନୃତ୍ୟ ପରିବେଷଣ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଚିତାଙ୍କନ ପାଇଁ ଶିଶୁ ପ୍ରତିଭାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

# ମଦ ପିଇ ମୃତ୍ୟୁ ଅଭିଯୋଗ, ୨ ଅସୁସ୍ଥ

**ଅତାବିରା,୧୨।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ବୁଗବୁଗା ପଞ୍ଚାୟତ ଅନ୍ତର୍ଗତ ପାଲି ବୁଗବୁଗା ଗ୍ରାମର ଝସକେତନ ଭୋଇଙ୍କ ମୃତ୍ୟୁ ହୋଇଛି। ମଦ ପିଇବା ପରେ ସେ ଗୁରୁତର ହୋଇ ମୃତ୍ୟୁବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏ ନେଇ ଅତାବିରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮।୨୨) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି। ସେହିପରି ଗ୍ରାମର ଅନ୍ୟ ୨ଜଣ ଅସୁସ୍ଥ ହେବା ପରେ ଚିକିତ୍ସା ପାଇଁ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି।

# ନୂଆଁଖାଇ ଭେଟ୍‌ଘାଟ, କଳାକାର ସମ୍ବର୍ଦ୍ଧିତ



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଉଲୁଣ୍ଡା,୧୨।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ଗୋପ ମଣ୍ଡପଠାରେ ୧୫ତମ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସୁର ସଙ୍ଗମ କମିଟି ଅନୁକୂଲ୍ୟରେ ଅୟୋଜିତ ଏହି କାର୍ଯ୍ୟମରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଯଜ୍ଞେଶ୍ୱର ପୂଝାରୀ ଯୋଗଦେଇ ନୂଆଁଖାଇ ଭେଟ୍‌ଘାଟର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହେରୀ, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ସରପଞ୍ଚ ରଶ୍ମିତା ଭୋଇ, ସମିତି ସଭ୍ୟା ସନ୍ତୋଷିନୀ ଭୋଇ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅଶୋକ ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ କଳାକାର ହୃଷିକେଶ ଭୋଇ, ଗୋପାଳ ପଣ୍ଡା, ଗୋପାଳ ସାହୁ, ରସିକ ସାହୁ, ପଦ୍ମନ ଭୋଇ, କଣ୍ଠଶିଳ୍ପୀ ରୁଚିସ୍ମିତା ଗୁରୁ, ନିଲିମା ମହାନ୍ତି, ବୀରେନ ଜଗଦଲା, କୋଶଳିକବି ଶିଶିର ପୁରୋହିତ, ସମାଜସେବୀ ରାଜକୁମାରୀ ପଣ୍ଡା, ବରିଷ୍ଠ ଚାଷୀ ବୃନ୍ଦବନ ପଧାନ, ଗୋପାଳ ସେଠୀ, କୃତ୍ତିବାସ ମିଶ୍ର ଏବଂ ଯଶୋବନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ ପାତ୍ର ସଭା ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୨୨ଅଭିଯୋଗର ତତ୍କାଳ ସମାଧାନ

**ଅମରପାଲି, ୧୨।୯(ଡି.ଏନ.ଏ.)**

**ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୩ଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ୩୪ବ୍ୟକ୍ତିଗତ, ୮ ସାମୂହିକ ଓ ଗୋଟିଏ ଜିଲା ରେଡ଼କ୍ରସ ଫଣ୍ଡରୁ ସାହାଯ୍ୟ ନିମନ୍ତେ ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୨୨ଟି ଦରଖାସ୍ତର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ୧୩ ଟିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି । ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ ଅଶୋକ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର ବିବୁଧ ଗଣନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

# ସତ୍ୟରମ୍ଭା ଲୋକ ମହୋତ୍ସବ ପ୍ରସ୍ତୁତି

**ବରପାଲି,୧୨।୯(ଡି.ଏନ.ଏ.)**

ବରପାଲି ନିକଟସ୍ଥ ସତଲମା ଗ୍ରାମରେ ସତ୍ୟରମ୍ଭା ଲୋକ ମହୋତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖ ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ସହ ନୂତନ ପରିଚାଳନା କମିଟି ଗଠନ କରାଗଲା। ଶାନ୍ତନୁ କୁମାର ସାହୁ ସଭାପତି, ଦେବେଶ ସାହୁ ଉପ ସଭାପତି, ଚିତ୍ତ ରଞ୍ଜନ ସାହୁ ସମ୍ପାଦକ, ସୁନିଲ କୁମାର ସାହୁ ସହ ସମ୍ପାଦକ, ବିଭୁଦତ୍ତ ପ୍ରଧାନ କୋଷାଧ୍ୟକ୍ଷ ଏବଂ ଡିଶି ବେହେରା ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ରାଘବ ନାୟକ, ଭୁବନେଶ୍ୱର ସାହୁ, ପ୍ରହଲ୍ଲାଦ ପୂଝାରୀ, ଶ୍ୟାମ ନନ୍ଦନ ସାହୁ, କରମ ଚାନ୍ଦ ସାହୁ, ଦିନେଶ କୁମାର ସାହୁ ପ୍ରମୁଖ ରହିଛନ୍ତି।

# ସଂସ୍କାର ସ୍କୁଲରେ ଇନ୍‌ଭେଷ୍ଟିଚର ସେରିମନି

**ବରଗଡ଼ ଅଫିସ୍,୧୨।୯**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସୋମବାର ଇନ୍‌ଭେଷ୍ଟିଚର ସେରିମନି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୋନକ ଅଗ୍ରୱାଲ ହେଡ୍ ବୟ ଏବଂ ତନିଷା ଅଗ୍ରୱାଲ ହେଡ୍ ଗାର୍ଲ ଭାବେ ମନୋନୀତ ହୋଇଥିଲେ। ସେହିପରି ସାଂସ୍କୃତିକ ବିଭାଗ ବାଳକ ବିଭାଗରେ ଅନୁପ, ବାଳିକା ବିଭାଗରେ ବଂଶିକା ଅଗ୍ରୱାଲ, ଭାଷାମୁଖ୍ୟ ଭାବେ ଖୁସ୍‌ବୁ କୁମ୍ଭାର, ଆସ୍ଥା ଅଗ୍ରୱାଲ, ରିଷଭ ବାଙ୍କ, ଅଭିଷେକ ଅଗ୍ରୱାଲ, କ୍ରୀଡ଼ା ବିଭାଗରେ ଈଷା ଅଗ୍ରୱାଲ, ରୁବି ଭରସାଗରିଆ, କ୍ରିଷ୍ଣା ସାୱାଡ଼ିଆ, ନିଲେଶ ରାଠିଆ, ଶୃଙ୍ଖଳା ବିଭାଗରେ ଲତିକା ଶର୍ମା, ସିଲ୍‌କି ପ୍ରିୟା ସାହୁ, ଶୁଭମ ସାହୁ, ସୋମେଶ କୁମାର ସାହୁ, ଡାଇନିଂ ହେଡ୍ ଭାବେ ଆଦିତ୍ୟ ବଂଶଲ, ଆଦର୍ଶ ଗୋୟଲ, ଅରିଜିତ ଆଚାର୍ଯ୍ୟ, କ୍ରିଷ୍ଣା ଅଗ୍ରୱାଲ, ଖୁସି ଜୈନ, ଅନୁଷ୍କା ଅଗ୍ରୱାଲ, ଅନୁଷା ଅଗ୍ରୱାଲ, ମେହେକ ଅଗ୍ରୱାଲ, ଇକୋ କ୍ଲବ ସଭାପତି ଭାବେ ରିୟା ଅଗ୍ରୱାଲ, ସ୍ନେହା ଅଗ୍ରୱାଲ, ଚେତନ ଲାଠ, ଶିବମ ଅଗ୍ରୱାଲ ପ୍ରମୁଖ ମନୋନିତ ହୋଇଥିଲେ। ଏହା ସହିତ ଅନ୍ୟ ବିଭାଗ ପାଇଁ ମଧ୍ୟ ଛାତ୍ରୀଛାତ୍ରଙ୍କୁ ମନୋନିତ କରାଯାଇଥିଲା। ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ଅଗ୍ରୱାଲ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ସିଦ୍ଧାର୍ଥ ସାୱାଡ଼ିଆ, ଏକାଡ଼େମିକ କୋ ଅର୍ଡ଼ିନେଟର ସୀମା ସାହୁ, ରୀତା ନାୟକ, ମମତା ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।



ଇନ୍‌ଭେଷ୍ଟିଚର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି ।

# ଶିକ୍ଷକ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୨।୯**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଛୋଟ ଅନକୀ ପଞ୍ଚାୟତ ଅଧୀନ ବଡ଼ ଅନକୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ପିଲାମାନଙ୍କ ଶିକ୍ଷାଦାନରେ ବାଧା ଉପୁଜିଛି। ଫଳରେ ସ୍ଥାନୀୟ ଜନ ପ୍ରତିନିଧି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଏବଂ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଉକ୍ତ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା କମିଟି କର୍ମକର୍ତ୍ତାବୃନ୍ଦ।

ପ୍ରକାଶ ଯେ, ବଡ଼ ଅନକୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ, ଖେଳ ଶିକ୍ଷକ, ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଶିକ୍ଷକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଫଳରେ ତୁରନ୍ତ ଉକ୍ତ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ସରପଞ୍ଚ ଚିନ୍ତାମଣି ରାଉତ, ସ୍କୁଲ ପରିଚାଳନା କମିଟି ଅଧକ୍ଷ ରାଧେଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ମନୋଜ କୁମାର ସାହୁ, ଉଦ୍ଧବ ନାଗ, ଶରତ ଚନ୍ଦ୍ର ଥପା ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ରେଢ଼ାଖୋଲ,୧୨।୯(ଡି.ଏନ.ଏ.):** ରେଢ଼ାଖୋଲ ସହର ଖନ୍ଦାଡିପ ସାହିର ସୁଧିର କୁମାର ପ୍ରଧାନ (୩୦) ସୋମବାର ଭୋରରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାରିବାରିକ କଳହରୁ ସୁଧିର ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ସୁଧିକ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

**ଜମନକିରା,୧୨।୯(ଡି.ଏନ୍.ଏ.):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜମନକିରାରେ ରବିବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଜୋନ୍ ୧ର ସୁଜାତା ଖୁଣ୍ଟିଆ, ରାଜକିଶୋର ନାୟକ, ସୁଦର୍ଶନ ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଲୀ ମିଶ୍ର ସ୍ୱାଗତ ଭାଷଣ ଦେଇଥଲେ। ଶିଶୁ ବାଟିକା ପ୍ରମୁଖ ଦିଲେଶ୍ୱରୀ ଖମାରୀ ସଭା ପରିଚାଳନା କରିଥିବା ବେଳେ ଅନ୍ୟ ଗୁରୁଜୀ ଗୁରୁମା ସହଯୋଗ କରିଥଲେ। ଏଥିରେ ଶିଶୁ ବାଟିକା ବିଭାଗର ୩୭ ଜଣ ମା' ଉପସ୍ଥିତ ଥିଲେ।

### ଆପ୍‌ର ଜିଲା କର୍ମୀ ସମ୍ମିଳନୀ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୨।୯**
ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ସୁନ୍ଦରଗଡ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମିଳନୀ ଜିଲା ଆବାହକ ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ଦଳର ରାଜ୍ୟ ପର୍ଯ୍ୟବେକ୍ଷକ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଓ ପଞ୍ଚାୟତ ସ୍ତରରେ ପାର୍ଟିକୁ କିଭଳି ସୁଦୃଢ଼ କରିହେବ ସେ ନେଇ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କର୍ମୀଯୋଗ ଦେଇଥିଲେ। ଆଦିବାସୀ ନେତା ବାସିଲ ଏକ୍କା, ନାରୀନେତ୍ରୀ କୁନି ମୁଣ୍ଡା, ସପନି ପୂର୍ତ୍ତି, ଲମ୍ବୋଧର ମହାନ୍ତ, ଭରତ ବାଇ, ସନ୍ତୋଷ ବେହେରା, ତରବେଜ ଅହମ୍ମଦ, ରଘୁନାଥ ଥାୟାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଇଞ୍ଜିନିୟର ଧର୍ମେନ୍ଦ୍ର ମହାପାତ୍ର ପ୍ରକୃତ ଡିଜିଟାଲ ଇଣ୍ଡିଆ ଉପରେ ଉପରେ ମତପ୍ରକାଶ କରିଥିଲେ।

### କାଜୁ ବଣରେ ଜୁଆ ଆଡ୍ଡା: ଜଣେ ଗିରଫ

**ରାଉରକେଲା ଅଫିସ,୧୨।୯**
ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନି ଅଞ୍ଚଳର ଏକ କାଜୁ ବଣରେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋଡା ଗୋଚ୍ଛାୟତ(୩୯)। ତାଙ୍କଠାରୁ ସଚ୍ଚାବୋର୍ଡ, ୪ଟି ଜୁଆଗୋଟି ଏବଂ ୨ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୪।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ବରକାନି ଅଞ୍ଚଳର ଖୋଡା କାଜୁ ବଣ ଭିତରେ ଜୁଆ ଆଡ୍ଡା ଚଳାଇଥିଲେ। ବନ୍ଧମୁଣ୍ଡା ଥାନାଧିକାରୀ ବୁଲୁ ସ୍ୱାଇଁ ଖବର ପାଇ ସୋମବାର ଦିନ ସାଢ଼େ ୧୨ଟାରେ ଉକ୍ତ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

### ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ

**କୁଚିଣ୍ଡା,୧୨।୯(ଡି.ଏନ.ଏ.):**
ରବିବାର କୁଚିଣ୍ଡା ସାମ୍ବାଦିକ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଶର୍ମାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଜିଲା ସଭାପତି ପ୍ରଭାତ ବେହେରା, କୋଷାଧ୍ୟକ୍ଷ ତପନ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ପେନ୍‌ସନ, ସୁରକ୍ଷା ଏବଂ ବୀମା ସମ୍ପର୍କରେ ଆଲୋଚନାକରି ସମସ୍ତେ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ କରିଥିଲେ। ପରେ ଆଗାମୀ ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ବିରଞ୍ଚି ଦର୍ଜୀ ସଭାପତି, ପ୍ରଶାନ୍ତ ଶର୍ମା ଉପସଭାପତି, ତନୟ ମହାପାତ୍ର ସାଧାରଣ ସମ୍ପାଦକ, ଅଦିତ ପଣ୍ଡା ସମ୍ପାଦକ ଓ ସୁଧୀର କୁମାର ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

# ସନ୍ତୋଷିନୀଙ୍କୁ ଭେଟି ଉତ୍ସାହିତ କଲେ ଜିଲାପାଳ

**ସମ୍ବଲପୁର,୧୨।୯(ବ୍ୟୁରୋ)**


ସନ୍ତୋଷିନୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀଗତ ୭ ଓ ବ୍ୟକ୍ତିଗତ ୩୦ ମୋଟ ୩୭ ଗୋଟି ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି ପରେ ଜିଲାପାଳ ଅନନ୍ୟା ଦାସ ଯୁଯୁମୁରା ବ୍ଲକର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଡଙ୍ଗାପାଲ ଗ୍ରାମରେ ଏସ୍ଏଚ୍‌ଜି ମହିଳା ଦ୍ୱାରା ପରିଚାଳିତ ମିନି ରାଇସ ମିଲ୍, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ହୋଇଥିବା ଆମ୍ବ ବଗିଚା, ଛେଳି ଓ ଗୋ ପାଳନ ଫାର୍ମ ପରିଦର୍ଶନ କରିଥିଲେ। ଏହା ସହ ଯୁଯୁମୁରାରେ ଥିବା ୫-ଟି ସ୍କୁଲ ପରିଦର୍ଶନ କରି ସମସ୍ୟା ଓ ପାଠପଢା ଉପରେ ଆଲୋଚନା କରିଥିଲେ। ପରେ ଜଣେ ଆତ୍ମନିର୍ଭରଶୀଳ ଦିବ୍ୟାଙ୍ଗ ଯୁବତୀ ସନ୍ତୋଷିନୀ ଭୁଏଁଙ୍କୁ ଭେଟିଥିଲେ। ଯୁଯୁମୁରା ଛକରେ ଥିବା ସିଲେଇ ଦୋକାନକୁ ଯାଇ ତାଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସୁବିଧା

**ଯୁଯୁମୁରା ବ୍ଲକରେ ଅଭିଯୋଗ ଶୁଣିଲେ**

କ'ଣ ମିଳିଛି, ଆଉ କ'ଣ ଆବଶ୍ୟକ ରହିଛି ସେ ନେଇ ପଚାରି ବୁଝିଥିଲେ। ସନ୍ତୋଷିନୀ ନିଜେ ରୋଜଗାରକ୍ଷମ ହେବା ପରେ ଯୁବତୀମାନଙ୍କୁ ଟେଲର କାମ ପ୍ରଶିକ୍ଷଣ ଦେଇ ରୋଜଗାର ଦେଇଛନ୍ତି। ଏହା ଜାଣିବା ପରେ ଜିଲାପାଳ ଦାସ ଖୁସି ବ୍ୟକ୍ତ କରିବା ସହ ଉତ୍ସାହିତ କରିଥିଲେ। ଆଗକୁ ସମସ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ସନ୍ତୋଷିନୀ ମଧ୍ୟ ବେଶ ଖୁସିବ୍ୟକ୍ତ କରିଛନ୍ତି। ଆଲୋଚନା ସମୟରେ ପିଡି ଡିଆରଡିଏ ଦିଲିପ କୁମାର ବଳ, ବିଡିଓ ନିଳାମ୍ବର ମହାନନ୍ଦ, ଯୁଯୁମୁରା ବ୍ଲକ ଅଧକ୍ଷା ମମତା ନାଏକ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସମୟରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱହିନ୍ଦୁ ପରିଷଦ ଗୋରକ୍ଷା ବିଭାଗର ଗୋ ପ୍ରଶିକ୍ଷଣ ବର୍ଗ

**ସମ୍ବଲପୁର,୧୨।୯(ବ୍ୟୁରୋ)**

ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପ୍ରଦେଶ ଗୋରକ୍ଷା ବିଭାଗର ୫ଦିନିଆ ଗୋ ପ୍ରଶିକ୍ଷଣ ବର୍ଗ ଗୋରକ୍ଷା ପ୍ରମୁଖ ବିଜୟ ସାହୁଙ୍କ ସଂଯୋଜନାରେ ସମ୍ବଲପୁର ଗାୟତ୍ରୀ ଶକ୍ତି ପୀଠରେ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ଆଶ୍ରମର ସ୍ୱାମୀ ଅଭୟ ଚୈତନ୍ୟ ମହାରାଜ ମୁଖ୍ୟ ଅତିଥି ଓ ବିଶ୍ୱହିନ୍ଦୁ ପରିଷଦର ପାଟଣା ଏବଂ କଲିକତା କ୍ଷେତ୍ରର ଗୋରକ୍ଷା ପ୍ରମୁଖ ତ୍ରିଲୋକ୍ୟନାଥ ବାଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ବର୍ଗରେ ଗୋ ଆଧାରିତ କୃଷି, କର୍ଜ ମୁକ୍ତି ନୌଯବାନ, ଗୋରକ୍ଷା ସମ୍ବନ୍ଧୀୟ ଆଇନ, ପଞ୍ଚଗବ୍ୟ ଚିକିତ୍ସା, ଭାରତୀୟ ଗୋବଂଶର ମହତ୍ତ୍ୱ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଭୂମିଶ୍ରୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ନିର୍ଦ୍ଦେଶିକା ତାରାକାନ୍ତି ପଟେଲ, ସଫଳ କୃଷି ଉଦ୍ୟୋଗୀ କାଳିଦାସ ପଣ୍ଡା ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ଦିନେଶ ଉପାଧ୍ୟାୟ, କେନ୍ଦ୍ରୀୟ ମାର୍ଗଦର୍ଶନ ମଣ୍ଡଳୀ ସଦସ୍ୟ ଜୀବନ ମୁକ୍ତାନନ୍ଦ ପୁରୀ ଜୀ, ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମର କାର୍ଯ୍ୟକାରୀ ସଭାପତି ଡା. ରାଜାରାମ ବଡ଼ପଣ୍ଡା, ପଶ୍ଚିମ ପ୍ରାନ୍ତ ଗୋରକ୍ଷା ସଭାପତି ଅଶୋକ ଛାପରିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗଦଳ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ଗୋରକ୍ଷା ପଶ୍ଚିମ ପ୍ରାନ୍ତ ପ୍ରମୁଖ ସୁଶାନ୍ତ ପୁଟେଲ, ସହ ସମ୍ପାଦକ ମୋହନ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

# କୈଳାସ ସତ୍ୟାର୍ଥୀ ଫାଉଣ୍ଡେସନର ପ୍ରତି ଶିଶୁ ସୁରକ୍ଷିତ ଅଭିଯାନ


କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ।

**ସମ୍ବଲପୁର,୧୨।୯(ବ୍ୟୁରୋ)**

ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କ ପରିଚାଳିତ ଫାଉଣ୍ଡେଶନ ଦ୍ୱାରା ପ୍ରତି ଶିଶୁ ସୁରକ୍ଷିତ ଶୈଶବ ଅଭିଯାନ ଆରମ୍ଭ ହୋଇଛି। ପଶ୍ଚିମ ଓଡ଼ିଶା ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଗୁଲାବନ୍ଦଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୫ ପଞ୍ଚାୟତର ୫୫୦ ଗ୍ରାମରୁ ବିଭିନ୍ନ ବର୍ଗର ନିର୍ବାଚିତ ପ୍ରତିନିଧି, ସାଧାରଣ ଜନତା, ମହିଳା ସାମିଲ ହୋଇଥିଲେ। ପ୍ରତି ଶିଶୁ ପାଇଁ ସୁରକ୍ଷା ବାର୍ତ୍ତା ଦେଇ ସଚେତନ କରିବା ପାଇଁ ସ୍ଥିର କରାଯାଇଥିଲା। ଅକ୍ଟୋବର ୧୬ ସନ୍ଧ୍ୟାରେ ସମଗ୍ର ଦେଶର ୧୦ହଜାରରୁ ଅଧିକ ଗ୍ରାମରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସ୍ଥିର ହୋଇଥିଲା। ପ୍ରତି ଗ୍ରାମରେ ୧୦ ମହିଳାଙ୍କୁ ନେଇ ଅଭିଯାନ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଦର୍ଶ ଅନୁଷ୍ଠାନର ପ୍ରଦୀପ ବେହେରା, ଫାଉଣ୍ଡେଶନର ସାଂଗଠନିକ ନିର୍ଦ୍ଦେଶିକା ସମ୍ପୂର୍ଣ୍ଣା ବେଉରା, ବଚପନ ବଚାଓ ଅଭିଯାନର ଦେବେନ୍ଦ୍ର ବରାଳ, ଖବରଦାତା ପ୍ରଫୁଲ୍ଲ ଦାଶ, ସାର୍କ ଅନୁଷ୍ଠାନର ଅଶୋକ ପାଣିଗ୍ରାହୀ, ପିଙ୍କି ପ୍ରଧାନ, ଜ୍ୟୋତି ଶତପଥି, ଲୀନାରାଣୀ ତ୍ରିପାଠୀ, ଆର୍ଯ୍ୟଚରଣ ସ୍ୱାଇଁ, ଜଳନ୍ଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଗିରଫଦାରିକୁ କୋଶଳ ସେନାର ନିନ୍ଦା

**ଝାରସୁଗୁଡ଼ା ଅଫିସ,୧୨।୯**

ଗତ ୭ତାରିଖରେ କୋଶଳ ମୁକ୍ତି ମୋର୍ଚ୍ଚା ଓ କୋଶଳ ସେନାର ମିଳିତ ଆହ୍ୱାନରେ ପଶ୍ଚିମ ଓଡ଼ିଶା ମହାବନ୍ଦ ଡାକରା ଦିଆଯାଇଥିଲା । ଏ ସମ୍ପର୍କରେ ଜିଲା କୋଶଳ ସେନା ତରଫରୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାରେ କୋଶଳ ସେନା ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ରାସ୍ତାଘାଟ ବନ୍ଦ କରିଥିଲେ। ଏହି ସମୟରେ ପୋଲିସ ବଳପୂର୍ବକ ଆନ୍ଦୋଳନକାରୀଙ୍କୁ ଉଠାଇନେଇ ଗିରଫ ପରେ ଛାଡ଼ିଦେଇଥିଲା । ଏହାକୁ ପଶ୍ଚିମ ଓଡ଼ିଶା କୋଶଳ ସେନା ଦୃଢ଼

**ପଶ୍ଚିମ ଓଡ଼ିଶା ମହାବନ୍ଦ ପ୍ରସଙ୍ଗ**

ନିନ୍ଦା କରିଛି। ଜିଲା କୋଶଳ ସେନା ତରଫରୁ ଏଠାରେ ଏକ ହୋଟେଲରେ ରାଜ୍ୟ ସଭାପତି କସ୍ତୁରବା ସାହୁଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲା ସଭାପତି ଗଣେଶ ମଟାରି, ନୂତନ ସଭାପତି ଆକାଶ କଲେତ, ସମ୍ପାଦକ ବାପି ସାହୁ, ସହ ସମ୍ପାଦକ ବ୍ୟୋମକେଶ ଧୁରୁଆ, କୋଶଳ ସମାଜ ଜିଲା ସମ୍ପାଦକ ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ସେନାର କର୍ମକର୍ତ୍ତା।

# ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ



**ରେଢାଖୋଲ,୧୨।୯(ଡି.ଏନ.ଏ.)**
ରେଢ଼ାଖୋଲ ବନଖଣ୍ଡର ଚାରମାଳ ରେଞ୍ଜ ଅଧୀନ ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ବେଳେ ଜଣେ ଯୁବକଙ୍କୁ ବନବିଭାଗ ଗିରଫ କରିଛି। ସେ ହେଲେ ଖସୁଆଁ ଗ୍ରାମର ନବିନ ଶବର (୨୨)। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ, ୧୦ଟି ଗୁଳି, ଗନ ପାଉଡର ଆଦି ଜବତ ହେଇଥିବା ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ କହିଛନ୍ତି। ସୂଚନାମତେ ନବିନ ଉକ୍ତ ସଂରକ୍ଷିତ ଜଙ୍ଗଲରେ ବନ୍ଧୁକ ଧରି ବୁଲୁଥିବା ଖବର ପାଇ ଫରେଷ୍ଟର ପ୍ରବିଣ ସାହୁ ସଦଳବଳ ଚଢ଼ାଉ କରିଥିଲେ। ସୋମବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୨୨୮ ବଣ୍ଡଲ କେନ୍ଦୁପତ୍ର ସହ ପିକଅପ୍ ଭ୍ୟାନ ଜବତ

**ରେଢ଼ାଖୋଲ,୧୨।୯(ଡି.ଏନ.ଏ.)**
ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧୀନ ମୋଚିବାହାଲ ଗ୍ରାମ ନିକଟରୁ ସୋମବାର ବନ କର୍ମଚାରୀ ଚଢ଼ାଉ କରି ପିକ୍‌ଅପ୍ ଭ୍ୟାନ ସହ ୨୨୮ ବଣ୍ଡଲ କେନ୍ଦୁପତ୍ର ଜବତ କରିଛନ୍ତି। ତେବେ ଘଟଣାସ୍ଥଳରୁ ଚୋରାଚାଲାଣକାରୀ ଫେରାର ହୋଇଯାଇଥିବା ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି। ଚଢ଼ାଉରେ ଫରେଷ୍ଟର ସୁନୀଲ କୁମାର ମିନ୍ଧା, ପ୍ରବୀଣ ସାହୁ ପ୍ରମୁଖ ସାମିଲ ଥିଲେ।

# ଭୋଟର କାର୍ଡ-ଆଧାର ସଂଯୋଗ ସଚେତନତା ରଥ ଶୁଭାରମ୍ଭ



ଜିଲାପାଳ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି ।

**ସମ୍ବଲପୁର,୧୨।୯(ବ୍ୟୁରୋ)**
ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ଭୋଟର କାର୍ଡ ସହ ଆଧାର ସଂଯୋଗ କରିବା ନେଇ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ଅନନ୍ୟା ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଭୋଟର ସହ ଆଧାର ସଂଯୋଗ ସମ୍ପର୍କରେ ସଚେତନ କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ମହାନଗର ନିଗମର ଡେପୁଟି କମିଶନର ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଲକ୍ଷ୍ମଣ ଅମାତ, ସହକାରୀ ଜିଲାପାଳ ସୁଶାନ୍ତ ସାହୁ, ଆଦିତ୍ୟ ପଣ୍ଡା, ବ୍ରଜକିଶୋର ସାହୁ, ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ମାଗଣା ପ୍ରାଣୀ ଚିକିତ୍ସା ଶିବିର

**କୁଚିଣ୍ଡା,୧୨।୯(ଡି.ଏନ.ଏ.)**

କୁଚିଣ୍ଡା ଆଇଟିଡିଏର ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ମିଶନ କାର୍ଯ୍ୟକ୍ରମ ପ୍ଲସ (ଓଟିଇଏଲପି) ପକ୍ଷରୁ ସୋମବାର କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ଫଟାଟାଙ୍ଗରଠାରେ ମାଗଣା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ସରପଞ୍ଚ ପିଙ୍କି ନାଏକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରାଣୀ ଚିକିତ୍ସକ ନବୀନ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତିଙ୍କ ପାଇଁ କାର୍ଯ୍ୟକାରୀ ଦେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରି ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣ ୧୨ଜଣ ହିତାଧିକାରୀଙ୍କୁ ମାଗଣା ସାଇକେଲ, ସିଲେଇ ମେଶିନ, କିରାନା ସାମଗ୍ରୀ ବଣ୍ଟନ କରିଥିଲେ। ଓଟିଇଏଲପି କର୍ମଚାରୀ ଜ୍ୟୋତି ପ୍ରକାଶ ହୋତା ଓ ରଘୁନାଥ ସାହୁ, ସିଡି କର୍ମଚାରୀ ଡୋଲାରେ ଷଣ୍ଢ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଗାଇ, ଛେଳି ଆଦିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୧୨।୯(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକର କୁ. ଜମନକିରା ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଏବିଡିଓ ସହଦେବ ନନ୍ଦ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଛଅ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ପାନୀୟ ଜଳ, କୃଷି, ଶିକ୍ଷା ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଟାଇଁସର, କୁ. ଜମନକିରା, କୁସୁମୀ, ସାଲେଭାଡି, କୁନ୍ତରା, ତେଲିତିଲେଇମାଲ ପଞ୍ଚାୟତର ସର୍ବମୋଟ ୧୮୬ ଗୋଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୮୩ ଗୋଟି ବ୍ୟକ୍ତିଗତ ଓ ୩ ଗୋଟି ଗୋଷ୍ଠୀଗତ ଥିଲା। ତନ୍ମଧ୍ୟରୁ ୬୨ ଗୋଟି ଅଭିଯୋଗର ଫଇସଲା ହୋଇଥିଲା। ବ୍ଲକ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ତରୁଣ କୁମାର ବିଶ୍ୱାଳ, ବିପିଏମ୍ ଟିପେନସନ ବେହେରା, ପିଇଓ ଶିବନାଥ ପଟେଲ, ବିଏଲ୍‌ସି ସୁବାସ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶିବିରରେ ଅଧିକାରୀ ଓ ଜନସାଧାରଣ।

# ୬ସୂତ୍ରୀ କାର୍ଯ୍ୟକ୍ରମ ନେଇ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚିବ

**ଝାରସୁଗୁଡ଼ା ଅଫିସ,୧୨।୯**

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି, ବେରୋଜଗାରୀ ଓ ଦୁର୍ନୀତିମୁକ୍ତ ଭଳି ୬ସୂତ୍ରୀ କାର୍ଯ୍ୟକ୍ରମ ନେଇ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକର୍ତ୍ତା ପ୍ରତି ପରିବାରରେ ଏହି ବାର୍ତ୍ତା ପହଞ୍ଚାଇବେ ବୋଲି ପାର୍ଟିର ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ସହରର ଏକ ହୋଟେଲରେ ରବିବାର ଜିଲା ସଂଯୋଜକ ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୁବ ସଭାପତି ରାଉତ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ସାହୁ, ରାଜ୍ୟ ଆଇଟି ସେଲ୍ ଅଧ୍ୟକ୍ଷ ଅମିୟ ଶର୍ମା, ଝାରସୁଗୁଡ଼ା ଟାଉନ୍ ସଂଯୋଜକ ଦୁଷ୍ମନ୍ତ ଲୋକଚନ୍ଦାନୀ, ଝାରସୁଗୁଡ଼ା ବ୍ଲକ୍ ସଂଯୋଜକ ରମେଶ ପ୍ରଧାନ, ବ୍ରଜରାଜନଗର ଟାଉନ ସଂଯୋଜକ ବିଜେନ୍ଦ୍ର ରାୟ, ବେଲପାହାଡ଼ ଟାଉନ ସଂଯୋଜକ



ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ।

**ଏଏପିର ଜିଲା କାର୍ଯ୍ୟକାରିଣୀ ବୈଠକ**

ସଞ୍ଜୟ ଭଞ୍ଜ, ଲଖନପୁର ବ୍ଲକ୍ ସଂଯୋଜକ ପ୍ରଫୁଲ୍ଲ ପାତ୍ର, ଲଇକେରା ବ୍ଲକ୍ ସଂଯୋଜକ ସୁଜିତ ମେହେର, କିର୍ମିରା ବ୍ଲକ୍ ସଂଯୋଜକ ପରମେଶ୍ୱର ଭିତିରିଆ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମ୍ପାଦକ ସନ୍ତୋଷ ଦୋରା ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ କୁମୁଦ ରଞ୍ଜନ ପ୍ରସାଦ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାର୍ଟି ରାଜ୍ୟ ଯୁବ ସଭାପତି ରାଉତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଏଏପି ୯ବର୍ଷ ମଧ୍ୟରେ ଦିଲ୍ଲୀରେ ଲୋକଙ୍କ ପାଇଁ ବହୁ ଲୋକାଭିମୁଖୀ କାର୍ଯ୍ୟ କରିପାରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାକୁ ଭାରତବର୍ଷରେ ଲାଗୁ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ୨୦୨୪ ବିଧାନସଭା ନିର୍ବାଚନରେ ଏଏପି ରାଜ୍ୟର ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ବୋଲି ସେ ଘୋଷଣା କରିଛନ୍ତି। ଝାରସୁଗୁଡ଼ା ଜିଲାର ୨ ବିଧାନସଭା ନିର୍ବାଚନମଣ୍ଡଳୀ ରହିଥିବାବେଳେ ଏଠାରେ ବିଜେଡି ସରକାର ସେଭଳି ସାମୂହିକ ବିକାଶ କରିପାରିନାହିଁ। ଏଠାରେ ଏଏପି ଶାସନକୁ ଆସିଲେ ଜିଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିବ ବୋଲି ସେ କହିଛନ୍ତି।

